## ସଂକ୍ଷେପରେ

### ନାରୀ ଜାଗରଣ, ସଶକ୍ତୀକରଣ ଦିବସ ପାଳିଲା ସିପିଆଇ



**ଜୟପୁର,୩।୧(ନି.ପ୍ର.)**-ଜାନୁଆରୀ ୩ ମହାନ ନାରୀନେତ୍ରୀ ସାବିତ୍ରୀ ବାଈ ଫୁଲେଙ୍କ ଜୟନ୍ତୀକୁ ସିପିଆଇ ନାରୀ ଜାଗରଣ ଓ ସଶକ୍ତୀକରଣ ଦିବସ ରୂପେ ପାଳନ କରିଛି। ଶ୍ରମିକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସିପିଆଇ ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳ, ପ୍ରମୋଦ ମହାନ୍ତି ଉପସ୍ଥିତ ଥିଲେ। କୋରାପୁଟ ଜିଲାରୁ ଆରମ୍ଭ କରି ଦେଶରେ ପ୍ରତିଦିନ ମହିଳାଙ୍କ ଉପରେ ଆକ୍ରମଣ, ଅତ୍ୟାଚାର, ଗଣବଳାତ୍କାର ଘଟଣା ବଢ଼ି ଚାଲିଛି। ନାରୀର ସ୍ୱର ଚାପି ହୋଇଯାଉଛି । ନିର୍ଭୟା ଘଟଣା ପରେ ଗଠିତ ପାଣ୍ଠି ଖର୍ଚ୍ଚ ହୋଇ ନ ପାରିବାରୁ ମହିଳାଙ୍କ ସୁରକ୍ଷା ବିପନ୍ନ ହୋଇଛି । ମହିଳାଙ୍କ ସୁରକ୍ଷା ପାଇଁ ସିପିଆଇ ନିଜର ପ୍ରତିବଦ୍ଧତାକୁ ଜାହିର କରିବା ଲାଗି ଆଜିର ଦିବସକୁ ମହିଳା ସଶକ୍ତୀକରଣ ଓ ଅଧିକାର ଦିବସ ଭାବେ ପାଳୁଛି। ପାର୍ଟି ଘୋଷଣା କରିଛି ଯେ ମାର୍ଚ୍ଚ ୮ ବିଶ୍ୱ ମହିଳା ଦିବସରୁ ୧୦ ତାରିଖ ଯାଏ ସାବିତ୍ରୀ ବାଈ ଫୁଲେଙ୍କ ପୁଣ୍ୟତିଥି ପର୍ଯ୍ୟନ୍ତ ୩ ଦିନ ଜିଲାର ବିଭିନ୍ନ ସ୍ଥାନରେ ମହିଳା ଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବ।

### କବାଟ ଭାଙ୍ଗି ଅଳଙ୍କାର ଲୁଟ୍

**ଗୁଣପୁର,୩।୧(ଡି.ଏନ.ଏ)**-ଗୁଣପୁର ପୁରୁଣା ସିନେମାହଲ ସମ୍ମୁଖ ଗଳି ଅଞ୍ଚଳରେ ରହୁଥିବା ଜୈନକ ବିଦ୍ୟାଧର ପାଲଙ୍କ ଘରୁ ସୁନା ଓ ରୁପା ଅଳଙ୍କାର ଲୁଟ୍ ହୋଇଛି । ଏନେଇ ସେ ଥାନାରେ ଅଭିଯୋଗ କରିଛନ୍ତି । ଗତ ୩୧ ତାରିଖରେ ବିଦ୍ୟାଧରଙ୍କ ପରିବାର ଲୋକେ ଘରେ ତାଲା ପକାଇ ବାହାରକୁ ଯାଇଥିଲେ । କୌଣସି ଦୁର୍ବୃତ୍ତ ଘରର କବାଟ ଭାଙ୍ଗି ଚୋରି କରି ନେଇଥିବା ଶୁକ୍ରବାର ସେମାନେ ଫେରି ଦେଖିବାକୁ ପାଇଥିଲେ । ଘରୁ ୫ ଭରି ସୁନା, ରୁପା ସହ ଏଟିଏମ କାର୍ଡ ଚୋରି ହୋଇଛି। ଏନେଇ ପୋଲିସ ଘଟଣାର ତଦନ୍ତ ଚଳାଇଛି ।

### ଛତୁଚାଷ ନେଇ ପ୍ରଶିକ୍ଷଣ ଶିବିର




**ଜେକେପୁର, ୩।୧ (ଡି.ଏନ୍.ଏ.)**
ଜେକେ କାଗଜକଳର ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ଓ ନାବାର୍ଡ ଭୁବନେଶ୍ୱରର ମିଳିତ ସହାୟତାରେ ସ୍ୱର୍ଣ ସାମାଜିକ ଅନୁଷ୍ଠାନ ଦ୍ୱାରା ଜେକେପୁରଠାରେ ଏକ ଆଞ୍ଚଳିକ ଛତୁଚାଷ କର୍ମଶାଳା ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜେକେ କାଗଜକଳ ଓ ସ୍ୱର୍ଣ ଅନୁଷ୍ଠାନର ଜେନେରାଲ ମ୍ୟାନେଜର ପ୍ରଫୁଲ୍ଲ ଧଳ ଯୋଗ ଦେଇ କାଗଜକଳ ଆଖପାଖ ଗାଁ ଗୁଡିକରେ ଏକ ହଜାର ଏସ୍ଏଚ୍ଜି, ୧୦୦ ଏଫ୍ସି ଓ ୪୦ ଯୁବ ସଙ୍ଗଠନ ସୃଷ୍ଟି କରି ଏ ଅଞ୍ଚଳରେ ଜୀବିକା ସୃଷ୍ଟି କରିଛନ୍ତି। ଅଦ୍ୟାବଧି ଜେ.କେ. ସାମାଜିକ ଦାୟିତ୍ୱବୋଧ କାର୍ଯ୍ୟକ୍ରମ ଜରିଆରେ ରାୟଗଡ଼ା ଜିଲାରେ ପ୍ରାୟ ସତେଇଶି ହଜାର ଗରିବ ଆଦିବାସୀ ପରିବାର ଓ ଏକ ଲକ୍ଷ ଦଶ ହଜାର ଲୋକଙ୍କୁ ଜୀବନ ଜୀବିକା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି ବୋଲି କହିଛନ୍ତି। ନାବାର୍ଡର ଏଜିଏମ୍ ପ୍ରଦୀପ୍ତ କୁମାର ପାଲ ମୁଖ୍ୟ ଅତିଥି, ଉଦ୍ୟାନ କୃଷି ବିଭାଗ ମୁଖ୍ୟ ଜଗନ୍ନାଥ ବିନ୍ଧାଣି, ଉତ୍କଳ ଗ୍ରାମ୍ୟ ବ୍ୟାଙ୍କ ରାୟଗଡ଼ାର ମୁଖ୍ୟ ପ୍ରବନ୍ଧକ ରବୀନ୍ଦ୍ର ନାଥ ପଣ୍ଡା, କୋଲନରାର ମୁଖ୍ୟ ପ୍ରବନ୍ଧକ ଅର୍ଜୁନ ମହାକୁଳ, ଛତୁ ଚାଷର ମୁଖ୍ୟ ପ୍ରଶିକ୍ଷକ ସନ୍ତୋଷ କୁମାର ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ । ଏଥିରେ ୨୦୦ ମହିଳାଙ୍କୁ ଛତୁଚାଷ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସ୍ୱର୍ଣର ସହ କାର୍ଯ୍ୟକ୍ରମ ପ୍ରବନ୍ଧକ କିଶୋର କୁମାର ସାହୁ, ମନ୍ନୁଶ୍ରୀ ରାୟ, ମନୋଜ ଯାଦବ, ଅଶୋକ ନାଲ ପ୍ରମୁଖ ପରିଚାଳନା କରିଥିଲେ।

### କୋଷାଗୁମୁଡ଼ା ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣା

# ଖ୍ରୀଷ୍ଟ ସମାଜର ବନ୍ଦ ଡାକରା ସ୍ଥଗିତ

**କୋଡିଙ୍ଗା, ୩।୧(ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣ ବଳାତ୍କାର ଓ ପରେ ହତ୍ୟା କରାଯାଇଥିଲା। ଘଟଣାରେ ସମ୍ପୃକ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରି କୋଷାଗୁମୁଡ଼ା ବ୍ଲକ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ୪ ତାରିଖରେ ବନ୍ଦ ଡାକରା ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀ ଓ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ସେମାନଙ୍କ ସହ ଶୁକ୍ରବାର ଏ ନେଇ ଆଲୋଚନା କରିଥିଲେ। ଦୋଷୀଙ୍କୁ ଧରାଯାଇ ପୀଡିତାଙ୍କୁ ନ୍ୟାୟ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଏହି ଆନ୍ଦୋଳନ ସ୍ଥଗିତ ରଖାଯାଇଛି।

ପ୍ରକାଶ ଯେ, ଏହି ଗଣବଳାତ୍କାର ଓ ହତ୍ୟା ଘଟଣାକୁ ଦୀର୍ଘ ଦିନ ବିତିଯାଇଥିଲେ ସୁଦ୍ଧା ଏହାବତ୍ ଦୋଷୀଙ୍କୁ ଦଣ୍ଡ ମିଳି ନ ଥିବା ଅଭିଯୋଗ କରି ବ୍ଲକ ଖ୍ରୀଷ୍ଟ ସମାଜ ବନ୍ଦ ଡାକରା ଦେଇଥିଲା। ଶୁକ୍ରବାର ନବରଙ୍ଗପୁର ଏସ୍ପି ନୀତିନ କୁସାଲକର, ଉପଜିଲାପାଳ ଭାସ୍କର ରୋହିତ ଏବଂ ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ ପ୍ରମୁଖ ପୀଡିତାଙ୍କ ପରିବାର ଓ ଖ୍ରୀଷ୍ଟ ସମାଜ କର୍ମକର୍ତ୍ତାଙ୍କ ସହ ଏ ନେଇ ଆଲୋଚନା କରିଥିଲେ। ୧୦ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୀଡିତାଙ୍କ ପରିବାରକୁ ନ୍ୟାୟ ପ୍ରଦାନ କରାଯିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ପରେ ଖ୍ରୀଷ୍ଟିୟାନ ସମାଜ ପକ୍ଷରୁ ଦିଆଯାଇଥିବା ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଛି ବୋଲି ସଭାପତି ହିମାଂଶୁ ଶେଖର ବାଘ ସୂଚନା ଦେଇଛନ୍ତି। ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ବ୍ଲକ ଖ୍ରୀଷ୍ଟ ସମାଜ ପକ୍ଷରୁ ୧୪ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯିବ ବୋଲି ସୂଚନା ମିଳିଛି। ଆଜିର ଏହି ଆଲୋଚନା ବେଳେ ଖ୍ରୀଷ୍ଟିୟାନ ସମାଜ ସଭାପତିଙ୍କ ସହ ଉପସଭାପତି କିଶୋର ଚନ୍ଦ୍ର ଚାଲକି, ସାଧାରଣ ସମ୍ପାଦକ ସୁନ୍ଦର ମୋହନ, ଉପଦେଷ୍ଟା ସୁବାସ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୃତ ପୀଡିତାଙ୍କ ପରିବାର, ବିଜେଡି ଜିଲା ଉପସଭାପତି ବଦ୍ରିନାରାୟଣ ସିଂ,ପଦ୍ମନ ବିଶୋୟୀ ଏବଂ କୋଷାଗୁମୁଡ଼ା ଥାନାଧିକାରୀ ନଟବର ନନ୍ଦ ପ୍ରମୁଖ ମଧ୍ୟ ସେଠାରେ ଉପସ୍ଥିତ ଥିଲେ।



ଖ୍ରୀଷ୍ଟସମାଜ କର୍ମକର୍ତ୍ତାଙ୍କ ସହ ପ୍ରଶାସନିକ ଅଧିକାରୀ ଓ ଲୋକ ପ୍ରତିନିଧି ଆଲୋଚନା କରୁଛନ୍ତି।

# ଆଦିତ୍ୟ ବିର୍ଲା ସ୍କୁଲର ବାର୍ଷିକ କ୍ରୀଡ଼ା



ଅତିଥିଙ୍କ ସହ ଅନ୍ୟମାନେ ।

**ଟିକିରି,୩।୧(ଡି.ଏନ୍.ଏ.)**

ରାୟଗଡା ଜିଲା କାଶୀପୁର ବ୍ଲକ ନୂଆପଡାସ୍ଥିତ ଆଦିତ୍ୟ ବିର୍ଲା ସ୍କୁଲର ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାଳୟ ଅଧକ୍ଷ ଲକ୍ଷ୍ମୀନାରାୟଣ ଦାଶ ଅଧ୍ୟକ୍ଷତା କରିଥିଲେ । ଏହି କ୍ରୀଡ଼ା ଉତ୍ସବରେ ଉତ୍କଳ ଆଲୁମିନା ୟୁନିଟ୍ ହେଡ୍ ତଥା ବିଭାଗ ମୁଖ୍ୟ ଏନ୍. ନାଗେଶ୍ ମୁଖ୍ୟଅତିଥି ଓ ରାୟଗଡା ଜିଲା କ୍ରୀଡା ଅଧିକାରୀ ଶେଖ୍ ଅଲି ନୁର୍ ସମ୍ମାନିତ ଅତିଥି , ଉତ୍କଳ ଆଲୁମିନା ଯୁଗ୍ମ ସଭାପତି ମଜହର୍ ଉଲ୍ଲା ବେଗ୍, ଉତ୍କଳ ଆଲୁମିନାର ମାନବ ସମ୍ବଳ ବିକାଶ ବିଭାଗ ମୁଖ୍ୟ ଟି.ଏମ୍. ପ୍ରକାଶ ଉତ୍କଳିନା, ମହିଳା କ୍ଲବ ସଭାନେତ୍ରୀ ଏନ୍. ଶ୍ରୀଲକ୍ଷ୍ମୀ ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଥମେ କ୍ରୀଡ଼ାବିତ୍ମାନଙ୍କ ଦ୍ୱାରା ଉତ୍କଳେଶ୍ୱର ମନ୍ଦିରଠାରୁ ମଶାଲ୍ ଅଣାଯାଇ ଅତିଥିମାନଙ୍କ ଉପସ୍ଥିତିରେ କ୍ରୀଡା ପଡ଼ିଆରେ ପ୍ରଜ୍ୱଳିତ କରାଯାଇଥିଲା । ମୁଖ୍ୟ ଅତିଥି ସମସ୍ତ କ୍ରୀଡାବିତ୍ମାନଙ୍କୁ ଶପଥପାଠ କରାଇ ଏହାକୁ ଉଦ୍ଘାଟନ କରିଥିଲେ। ପାଠପଢ଼ା ସହ କ୍ରୀଡା ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ପାଠପଢା ସହ ଖେଳକୁଦ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ବୋଲି କହିଥିଲେ ।

## ୨ ଆକାଉଣ୍ଟରୁ ଟଙ୍କା ଗାଏବ

**ଗୁଣପୁର,୩।୧(ଡି.ଏନ.ଏ)**

ରାୟଗଡା ଜିଲା ଗୁଣପୁର ଅଞ୍ଚଳର ଦୁଇ ଜଣଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ଶୁକ୍ରବାର ଅଭିଯୋଗ ହୋଇଛି । ସୁକାନ୍ତ କୁମାର ଏବଂ ଅନିଲ ପାଣିଗ୍ରାହୀ ତାଙ୍କ ଆକାଉଣ୍ଟରୁ ଟଙ୍କା ଗାଏବ ହୋଇଥିବା ନେଇ ଥାନାରେ ଅଭିଯୋଗ କରିଛନ୍ତି । ସୁକାନ୍ତ କୁମାର ଲାଇମରୋଡ ନାମକ ଏକ ଅନ ଲାଇନ ସପିଂରେ ଗୋଟିଏ ଜ୍ୟାକେଟ ଅର୍ଡର କରିଥିଲେ । ଏଥି ବାବଦକୁ ସେ ୩୦୦୦ରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରିଥିଲେ । ପରେ ଜ୍ୟାକେଟ ବି ଆସିଥିଲା । କୌଣସି କାରଣରୁ ଉକ୍ତ ଜ୍ୟାକେଟକୁ ଫେରସ୍ତ କରି ଟଙ୍କା ଫେରସ୍ତ କରିବାକୁ କହିଥିଲେ । ଏହା ପରେ ଶୁକ୍ରବାର ୩ଟି ଅଜଣା ନମ୍ବରରୁ ସୁକାନ୍ତଙ୍କ ପାଖକୁ ଫୋନ ଆସିଥିଲା । ମୁଁ ଲାଇମରୋଡ କମ୍ପାନୀରୁ କହୁଛି ଆପଣଙ୍କ ଟଙ୍କା ଫେରସ୍ତ ହେବ, ଏଣୁ ଗୁଗୁଲ ପେ ଆକାଉଣ୍ଟ ନମ୍ବର ସହ ଅନ୍ୟାନ୍ୟ ତଥ୍ୟ ମାଗିଥିଲେ । ଟଙ୍କା ଫେରସ୍ତ ଆସିବ ଭାବି ସୁକାନ୍ତ ତାଙ୍କର ସମସ୍ତ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ଦେଇଥିଲେ । କିଛି ସମୟ ପରେ ଉକ୍ତ ଆକାଉଣ୍ଟ କାମ କରୁନାହିଁ, ଆଉ ଏକ ଆକାଉଣ୍ଟ ନମ୍ବର ଓ ତଥ୍ୟ ଦେବାକୁ କୌଣସି ବ୍ୟକ୍ତି କହିଥିଲେ । ସୁକାନ୍ତ ତାଙ୍କ ସାଙ୍ଗ ଅନିଲଙ୍କ ଆକାଉଣ୍ଟ ତଥ୍ୟ ଦେଇଥିଲେ । କିଛି ସମୟ ପରେ ସୁକାନ୍ତଙ୍କ ଆକାଉଣ୍ଟରୁ ୩ ହଜାର ଏବଂ ଅନିଲଙ୍କ ଆକାଉଣ୍ଟରୁ ୧୦ ହଜାର ଟଙ୍କା ଗାଏବ ହୋଇଥିବା ଥାନାରେ ଅଭିଯୋଗ କରିଛନ୍ତି ।



# ଅନ୍ଧବିଶ୍ୱାସ ଦୂର ନେଇ ସଚେତନତା

**ଜେକେପୁର, ୩।୧ (ଡି.ଏନ୍.ଏ.)**

ରାୟଗଡ଼ା ଜିଲା ଚାନ୍ଦିଲି ଥାନା ପକ୍ଷରୁ ସଦର ବ୍ଲକ ମାଲିଗାଁଠାରେ କୁସଂସ୍କାର ବିରୋଧୀ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସମାଜରେ ପ୍ରଚଳିତ ବାଲ୍ୟବିବାହ, ଚେଙ୍କ ଚିକିତ୍ସା, ଗୁଣିଗାରେଡି ତଥା ନାନା ଅନ୍ଧବିଶ୍ୱାସ କିପରି ରୋକାଯାଇପାରିବ ସେ ନେଇ ଲୋକମାନଙ୍କୁ ସଚେତନ କରାଯାଇଥିଲା। ମାଲିଗାଁ ଅଞ୍ଚଳର ସମସ୍ତ ଜନସାଧାରଣ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ପ୍ରଚଳିତ କୁସଂସ୍କାରଗୁଡିକ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ତହସିଲଦାର ଉମାଶଙ୍କର ବେହେରା, ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ସ୍ଥାନୀୟ ସରପଞ୍ଚ ଲାଘୁରାଓ ହୁଇକା , ହରି କାଡ୍ରାକା ପ୍ରମୁଖ ଉପସ୍ଥିତ ଥିଲେ । ଚାନ୍ଦିଲି ଥାନା ଅଧିକାରୀ ଅଜିତ୍ କୁମାର ସ୍ୱାଇଁଙ୍କ ସମେତ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।



ସଚେତନତା କାର୍ଯ୍ୟକ୍ରମରେ ଅଧିକାରୀ, ଲୋକ ପ୍ରତିନିଧି ଓ ଅନ୍ୟମାନେ ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍ଯାପିତ

**କୁନ୍ଦୁରା,୩।୧(ଡି.ଏନ୍.ଏ.)**

ସ୍ଥାନୀୟ ବିଜୁ ପଟ୍ଟନାୟକ ମହାବିଦ୍ୟାଳୟରେ ବାଳିକାଙ୍କ ପାଇଁ ଗତ ୨୦ ତାରିଖରୁ ଚାଲିଥିବା ଆତ୍ମରକ୍ଷା ତାଲିମ ଶିବିର ଶୁକ୍ରବାର ଉଦ୍ଯାପିତ ହୋଇଛି। ଏଥିରେ ଅତିଥି ଭାବେ ଶିକ୍ଷାବିତ୍ ପଞ୍ଚାନନ ଗୌଡ଼, ଯୁକ୍ତ ଦୁଇ ଅଧକ୍ଷା ରିତାରାଣୀ କରଣ, କୁନ୍ଦୁରା ଥାନା ଏଏସ୍ଆଇ ରବିନାରାୟଣ ଗୁଣ୍ଡା ଯୋଗ ଦେଇଥିଲେ । ଅଧ୍ୟାପକ ସୁଶାନ୍ତ ବେହେରା ଅତିଥିଙ୍କୁ ସ୍ୱାଗତ କରିଥିବା ବେଳେ ଅଧକ୍ଷ ହୃଦୟରଞ୍ଜନ ପଣ୍ଡା ସଭା ପରିଚାଳନା କରିଥିଲେ। ଅତୀତରୁ ବର୍ତ୍ତମାନ ପର୍ଯ୍ୟନ୍ତ ସମାଜରେ ନାରୀର ସ୍ଥିତି ବିଷୟରେ ଉପସ୍ଥାପନ କରିଥିଲେ ପଞ୍ଚାନନ ଗୌଡ଼। ମହିଳାମାନେ ଉଭୟ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରହିବା ତଥା ସରଳ ଜୀବନଯାପନ ଉପରେ ଗୁରୁତ୍ୱ ଦେଇଥିଲେ ଅଧକ୍ଷା ରିତାରାଣୀ କରଣ। ଆତ୍ମରକ୍ଷା କୌଶଳକୁ ଭବିଷ୍ୟତ ଜୀବନରେ କାର୍ଯ୍ୟରେ ପ୍ରୟୋଗ କରିବା ବିଷୟରେ କହିଥିଲେ ଅଧକ୍ଷ ହୃଦୟରଞ୍ଜନ ପଣ୍ଡା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ରଶ୍ମିତା ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିବିରରେ ୧୨୦ ଜଣ ଛାତ୍ରୀ ଯୋଗ ଦେଇଥିଲେ। ଅଧ୍ୟାପକ ରମେଶ ଚନ୍ଦ୍ର ଲେଙ୍କା, ରବିଶଙ୍କର ସାହୁ, ଅଧ୍ୟାପିକା ଅଜିତା କୁମାରୀ ପଣ୍ଡା, ମାଧୁରୀ ସାହୁ, ନିରଜା ଶେଖରୀ ସାହୁ ଉପସ୍ଥିତ ଥିଲେ ।

# ଚାଷୀଙ୍କୁ ଅଣଦେଖା, ଲ୍ୟାମ୍ପ୍ସରେ ଉତ୍ତେଜନା

**ଦଶମନ୍ତପୁର,୩।୧(ଡି.ଏନ୍.ଏ.)**

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ସଦରସ୍ଥିତ ଲ୍ୟାମ୍ପରେ ଚାଷୀଙ୍କ ପ୍ରତି ଅଣଦେଖା ଅଭିଯୋଗରେ ଉତ୍ତେଜନା ଦେଖିବାକୁ ମିଳିଛି। ଏହି ସମବାୟ ବ୍ୟାଙ୍କ ଉପରେ ପ୍ରାୟ ୮ଟି ପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ଚାଷୀମାନେ ଅମଳ କରୁଥିବା ଶସ୍ୟକୁ ବେପାରୀ କମ୍ ଦରରେ କିଣୁଥିଲେ। ସେଥିପାଇଁ ୨୦୧୮ ନଭେମ୍ବର ୨୦ରେ ସ୍ଥାନୀୟ ଲ୍ୟାମ୍ପରେ ଧାନମଣ୍ଡିର ଶୁଭାରମ୍ଭ ହୋଇଥିଲା। ସେତେବେଳେ ୩୦୮ ଜଣ ଚାଷୀ ନିଜ ନାମ ପଞ୍ଜିକରଣ କରିଥିଲେ। ସେଥିରୁ ତଦନ୍ତ ଅନୁସାରେ ବର୍ତ୍ତମାନ ପ୍ରାୟ ୨୫୦ ଜଣ ଚାଷୀ ମଣ୍ଡିରେ ଧାନ ବିକିଥିବା ଲ୍ୟାମ୍ପ ପକ୍ଷରୁ ସୂଚନା ମିଳିଛି। ମଣ୍ଡି ଖୋଲିବା କ୍ଷଣି ତୁରନ୍ତ ପ୍ରାୟ ୨୨୭୩.୨୧ କୁଇଣ୍ଟାଲ ଧାନ ଆଦାୟ ହୋଇଥିବା କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

ଚାଷୀଙ୍କ କହିବାନୁସାରେ ମଣ୍ଡି ନୂଆକରି ଖୋଲିବାବେଳେ ସବୁ ଠିକ୍ ଚାଲିଥିଲା। କିନ୍ତୁ ଏଇ କିଛି ଦିନ ହେବ ବିଭାଗୀୟ ଅଧିକାରୀ ଚାଷୀଙ୍କୁ ଅଣଦେଖା କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଅଣଚାଷୀଙ୍କ ସହ ସଲାସୁତୁରା କରି ସେମାନଙ୍କଠାରୁ ଅଧିକ ଧାନ କିଣା ହୋଇ ଲ୍ୟାମ୍ପ ଅଧିକାରୀ ଓ କର୍ମଚାରୀ ମାଲାମାଲ ହେଉଛନ୍ତି ବୋଲି ଚାଷୀ ଅଭିଯୋଗ କରିଆସୁଛନ୍ତି। ଚାଷୀଙ୍କୁ ଋଣ ଦେବାଠାରୁ ଆରମ୍ଭ କରି ସାରରେ ଦୁର୍ନୀତି ହେଉଥିବା କେତେଜଣ ନାମ ଗୋପନ ରଖି ପ୍ରକାଶ କରିଛନ୍ତି। ଗିର୍ଲିଗୁମ୍ମା ପଞ୍ଚାୟତ ଗୁମ୍ମା ଗ୍ରାମର ଚାଷୀ ତ୍ରିଲୋଚନ୍ ବିଶ୍ୱାସରାୟ ୧୭ କୁଇଣ୍ଟାଲ ୭୧ କେଜି ଓ ଗିର୍ଲି ଗ୍ରାମର ଭୁବନ ବିଶୋଇଙ୍କ ୨୭ କୁଇଣ୍ଟାଲ ୭୫ କେଜି ଧାନ ମଣ୍ଡିରେ ବିକିଥିଲେ। କିନ୍ତୁ ସେମାନଙ୍କୁ ଏଯାବତ୍ ପ୍ରାପ୍ୟ ମିଳିନାହିଁ। ଅନ୍ୟପକ୍ଷରେ ଏବେ କୁଇଣ୍ଟାଲ ପିଛା ୬ କେଜି କାହିଁକି କଟାଯାଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏନେଇ ମଣ୍ଡିରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ବିଜେଡି ବ୍ଲକ କାର୍ଯ୍ୟକାରୀ ସଭାପତି ରଘୁପତି ବିଶୋଇଙ୍କ ପ୍ରତିଶ୍ରୁତି ପରେ ଉତ୍ତେଜନା ପ୍ରଶମିତ ହୋଇଥିଲା। ଏ ସମ୍ପର୍କରେ ଏମ୍ଡି ପ୍ରଫୁଲ୍ଲ ମିଶ୍ର ସମସ୍ୟା ଦେଖିବା ବୋଲି ଉତ୍ତର ଦେଇଛନ୍ତି।



ଦଶମନ୍ତପୁର ସଦର ଲ୍ୟାମ୍ପ ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚଇତ ଚାଷ ସୁନା ଚାଷ**
**ବୈଶାଖ ଚାଷ କୁଟୁମ୍ବ ପୋଷ**
**ଜ୍ୟେଷ୍ଠେ ଚାଷ ରାଜା ପୋଷ**
**ଆଷାଢ଼ ଚାଷ ବେଲହୁଁ ଖସ ।**

ଚଇତ ମାସରେ ଚାଷ କରାଗଲେ ଚାଷବାସରୁ ଭଲ ଅମଳ ମିଳିଥାଏ। ବୈଶାଖ ମାସରେ କରାଯାଇଥିବା ଚାଷରୁ ଯାହା ଉପାର୍ଜନ ହୋଇଥାଏ ତାହା କୁଟୁମ୍ବ ପୋଷିବାରେ ଅସୁବିଧା ରହି ନ ଥାଏ। ସେହିପରି ଜ୍ୟେଷ୍ଠମାସରେ ଚାଷକାର୍ଯ୍ୟ ଆରମ୍ଭ କଲେ ଚାଷରୁ ଯାହା ମିଳେ ସେତକ ଖଜଣା ଦେବାରେ ଖର୍ଚ୍ଚ ହୋଇଯାଇଥାଏ। ପରନ୍ତୁ ଆଷାଢ଼ ମାସରେ ଚାଷ କଲେ ଚାଷରେ କ୍ଷତି ଘଟିବାର ବହୁ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

**ଚୂନକୁ ଯେବେ ପାନ ଥାଆନ୍ତା**
**ଦି' କଳ ନାଳି ବୋହି ପଡ଼ନ୍ତା ।**

କିଛି ବ୍ୟକ୍ତି ଅନ୍ୟଆଗରେ ନିଜର ବୃଥା ବଡ଼ିମା ଦେଖେଇ ହୁଅନ୍ତି। ନିଜେ ଯେତେ ନୁହଁ କି ଯାହା ନୁହଁ ତାହାଠୁ ଅତିରଞ୍ଜିତ କରି ଅନ୍ୟର ଦୃଷ୍ଟି ଆକର୍ଷଣ କରିବାକୁ ଚେଷ୍ଟା ଚଳାଇଥାନ୍ତି। ବ୍ୟକ୍ତିଙ୍କ ଏପରି ଫୁଲାଣିଆ ଭାବଭଙ୍ଗୀ ପ୍ରତି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ସଂଗ୍ରାମୀ ରବିସିଂ ମାଝି କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

# ବକଡାବେଡ଼ା ଦଳ ଚାମ୍ପିୟନ

**ଡାବୁଗାଁ, ୩।୧ (ଡି.ଏନ୍.ଏ.)**

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ କୋଇଲାରୀ ଗ୍ରାମରେ ସଂଗ୍ରାମୀ ରବିସିଂ ମାଝି କ୍ରିକେଟ ଟୁର୍ନାମେଣ୍ଟ ଶୁକ୍ରବାର ସନ୍ଧ୍ୟାରେ ଉଦ୍ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ମେଦନା ଦଳକୁ ହରାଇ ବକଡାବେଡ଼ା ଚାମ୍ପିୟନ ହୋଇଥିଲା। ମେଦନା ଦଳ ଟସ୍ ଜିତି ବକଡାବେଡା ଦଳକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ଦେଇଥିଲା। ବକଡାବେଡା ଦଳ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ ଓଭରରେ ୮ ଉଇକେଟ ହରାଇ ୭୮ ରନ ସଂଗ୍ରହ କରିଥିଲା। ମେଦନା ଦଳ ମାତ୍ର ୫୧ ରନ୍ କରି ଅଲ୍ଆଉଟ୍ ହୋଇଥିଲା। ବକଡାବେଡା ଦଳ ୨୭ ରନରେ ବିଜୟୀ ହୋଇଛି। ଡାବୁଗାଁ ପୂର୍ବତନ ବିଧାୟକ ଭୁଜବଳ ମାଝି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ୫୦୦୦ ଟଙ୍କା ଓ ରନସ୍ ଅପ୍ ଦଳକୁ ଟ୍ରଫି ସହ ୪୦୦୦ ଟଙ୍କା ଦେଇଛନ୍ତି। ବ୍ଲକ ଅଧକ୍ଷ ବଂଶୀଧର ମାଝି, ଜିଲା ପରିଷଦ ସଭ୍ୟା ମାଳତୀ ମାଝି, ସାମାଜିକ କର୍ମୀ ନୟନା ମାଝି, କୋଇଲାରୀ ସରପଞ୍ଚ ଚନ୍ଦ୍ରୀ ଭତ୍ରା ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଟୁର୍ନାମେଣ୍ଟକୁ କମିଟି ସଭାପତି ମୁନା ମାଝି, ଭକ୍ତଚନ୍ଦ୍ର ମାଝି, ଭସମନ କଳାର, ସୁନାଧର ମାଝି, ମଣ୍ଡିଆ ମାଝି ପ୍ରମୁଖ ପରିଚାଳନା କରିଥିଲେ।



ଅତିଥିଙ୍କ ସହ ଖେଳାଳିମାନେ।

## ଅବହେଳିତ ଅବସ୍ଥାରେ ରାଜସ୍ୱ ଡାକବଙ୍ଗଳା

**ପାରଳାଖେମୁଣ୍ଡି, ୩।୧(ସ୍ୱ.ପ୍ର.) –**
ଗଜପତି ଜିଲା ଆର୍. ଉଦୟଗିରି ବ୍ଲକ୍ ରାମଗିରିସ୍ଥିତ ରାଜସ୍ୱ ଡାକବଙ୍ଗଳା ଅବହେଳିତ ଅବସ୍ଥାରେ ରହିଛି। ବଙ୍ଗଳାର ଚାରିପାର୍ଶ୍ୱ ଅଳିଆ ଆବର୍ଜନା ଏବଂ ଗଛଲତାରେ ପରିପୂର୍ଣ୍ଣ ହୋଇଛି। ୧୯୯୬ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପି. ଭି ନରସିଂହ ରାଓ ଏହି ଡାକବଙ୍ଗଳାରେ ରାତ୍ରୀଯାପନ କରିଥିଲେ। ରକ୍ଷଣାବେକ୍ଷଣର ଅଭାବ ଯୋଗୁ ଏହି ବଙ୍ଗଳା ନଷ୍ଟ ହେବାରେ ଲାଗିଛି। ଏହା କେବଳ ମଦ୍ୟପ ଓ ଜୁଆଡ଼ିଙ୍କ ଆଡ୍ଡାସ୍ଥଳୀ ପାଲଟିଥିବାବେଳେ ବଙ୍ଗଳାର ପୁନରୁଦ୍ଧାର ପ୍ରତି ଦୃଷ୍ଟି ଦିଆଯାଉ ନ ଥିବା ଅଞ୍ଚଳବାସୀ କହିଛନ୍ତି। ରାମଗିରି ଜିଲାର ଏକ ଐତିହାସିକ ଅଞ୍ଚଳ ହୋଇଥିବାବେଳେ ଏହି ଡାକବଙ୍ଗଳାର ପୁନରୁଦ୍ଧାର ସହ ବ୍ୟବହାର ଉପଯୋଗୀ କରିବାକୁ ଅଞ୍ଚଳବାସୀ ଓ ବୁଦ୍ଧିଜୀବୀଙ୍କ ମଧ୍ୟରେ ମତପ୍ରକାଶ ପାଉଛି।

**CHIEF DISTRICT MEDICAL & PUBLIC HEALTH OFFICER, BARGARH**
**e-mail : substore.bargarh@gmail.com**
**Tel / Fax - 06646-232804**

No.E-634 :- **CORRIGENDUM NOTICE**
**No.47** **Date:02.01.2020**

In pursuance to the Tender Call Notice No.11413, dt.17.12.2019, the date of receipt of Tender Documents is hereby extended to dt.10.01.2020 upto 12 Noon and a pre-bid meeting will be held on dt.06.01.2020 at 3 P.M. The opening of technical bid will be on dt.10.01.2020 at 3 P.M. and the financial bid will be opened on dt.10.01.2020 at 4 P.M. All other term & conditions in the said advertisement will remain unchanged.

**Sd./-**
**Chief District Medical &**
**Public Health Officer, Bargarh**
**10124/11/0002/1920**

**Government of Odisha**
**"e" Procurement Notice**
No.: O-750
**Bid Identification No.: Online-AGL-13 of 2019-2020**

| | | | |
|---|---|---|---|
| 1. | Name of the Work | : | Road Works |
| 2. | Estimated Cost | : | Rs.5.30 to 45.08 Lakhs |
| 3. | Period of Completion | : | 01 (One) Calendar Months |
| 4. | Date & time of availability of bid document in the portal | : | From 17.01.2020 to 24.01.2020 upto 5.00 P.M. |
| 5. | Last date/time for receipt of bids in the portal | : | 24.01.2020 upto 5.00 P.M. |
| 6. | Name & address of the OIT | : | Executive Engineer, Rural Works Division, Angul |

Further details can be seen from the Govt. website **www.tendersorissa.gov.in**.
**Sd./- Executive Engineer**
**R.W. Division, Angul**
25096/11/0008/1920

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ଶନିବାର, ଜାନୁୟାରୀ ୪ /୨୦୨୦ Rayagada, Saturday, January 4/ 2020

## ସଂକ୍ଷେପରେ

### ବଣ୍ଡା ମହିଳା ପୁରୁଷଙ୍କୁ ସହାୟତା କଲେ ବିଧାୟକ



କୋରୁକୋଣ୍ଡା, ୩।୧(ଡି.ଏନ.ଏ.) ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଶୁକ୍ରବାର ବଣ୍ଡା ଘାଟି ଉପରୁ ଆସିଥିବା କିଛି ବଣ୍ଡା ମହିଳା ପୁରୁଷଙ୍କ ସହ ଆଲୋଚନା କରିଛନ୍ତି। କୌଣସି କାମରେ ବିଧାୟକ ଉକ୍ତ ଅଞ୍ଚଳକୁ ଆସିଥିବା ବେଳେ ବଣ୍ଡା ମହିଳା ପୁରୁଷମାନେ ବ୍ୟାଙ୍କ କାମରେ ଆସିଥିବା ଦେଖିବାକୁ ପାଇଥିଲେ। ବିଧାୟକ ବାକା ସେମାନଙ୍କୁ ବ୍ୟାଙ୍କ କାମରେ ସାହାଯ୍ୟ କରିଥିଲେ। ବର୍ତ୍ତମାନ ଶୀତ ପ୍ରକୋପ ଅଧିକ ଥିବାରୁ ଶୀତ ଦାଉରୁ ରକ୍ଷା ପାଇଁ ସେମାନଙ୍କୁ ବିଧାୟକ କମ୍ବଳ ବଣ୍ଟନ କରିଥିଲେ। ସୂଚନାଯୋଗ୍ୟ ଯେ, ଗତ କିଛିଦିନ ତଳେ ଏହି ବଣ୍ଡାଘାଟି ମହିଳାପୁରୁଷ ଆଧାର କାର୍ଡ କରିବାକୁ ଆସିଥିଲେ। ଗୋଟିଏ ଦିନରେ ଆଧାର କାର୍ଡ ହୋଇ ନ ପାରିବା ଯୋଗୁ ସେଠାରେ ରାତ୍ରିଯାପନ କରିବାକୁ ବାଧ ହୋଇଥିଲେ। ସେହି ସମୟରେ ବିଧାୟକ ବାକା ସେମାନଙ୍କୁ ସହାୟତା କରିଥିଲେ।






# ସତୀଗୁଡା ଜଳଭଣ୍ଡାରରେ କମିଲା ପକ୍ଷୀ ସଂଖ୍ୟା

## ୨୦୧୯ରେ ଥିଲା ୨୧୧୭, ଚଳିତବର୍ଷ ୧୫୮୮

ମାଲକାନଗିରି,୩।୧ (ଡି.ଏନ୍.ଏ.)

ମାଲକାନଗିରି ବନଖଣ୍ଡ ମାଲକାନଗିରି ବନାଞ୍ଚଳ ପକ୍ଷରୁ ଶୁକ୍ରବାର ସତୀଗୁଡା ଜଳଭଣ୍ଡାରରେ ପକ୍ଷୀଗଣନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଗତବର୍ଷ ଅପେକ୍ଷା ଚଳିତବର୍ଷ ପକ୍ଷୀସଂଖ୍ୟା କମିଥିବା ଆକଳନରୁ ଜଣାପଡିଛି। ୨୦୧୯ରେ ସତୀଗୁଡା ଜଳଭଣ୍ଡାରରେ ୨୧୧୭ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ବେଳେ ଚଳିତବର୍ଷ ୧୫୮୮ଟି ବିଭିନ୍ନ ପ୍ରଜାତିର ପକ୍ଷୀ ଆସିଥିବା ଚିହ୍ନଟ କରାଯାଇଛି। ଚଳିତବର୍ଷ ବିଦେଶୀ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଇଥିବା ଜଣାପଡିଛି। କେଉଁ କାରଣରୁ ପକ୍ଷୀଙ୍କ ସଂଖ୍ୟା ହ୍ରାସ ପାଉଛି ସେ ସମ୍ପର୍କରେ ବନ ବିଭାଗ ସମୀକ୍ଷା କରୁଛି ବୋଲି ସହକାରୀ ବନ ସଂରକ୍ଷକ ଶ୍ରୀକାନ୍ତ ନାୟକ କହିଛନ୍ତି। ନାୟକଙ୍କ ନେତୃତ୍ୱରେ ବନାଞ୍ଚଳ ଅଧିକାରୀ ବାସୁଦେବ ନାୟକ, ବନପାଳ ମୋହନ ଗୁଡିଆ, ରାଜେଶ କୁମାର ସେଠୀ, ହୃଷୀକେଶ ପାଣିଗ୍ରାହୀ, ଦୀପ୍ତିରଞ୍ଜନ ନାୟକ, ଅର୍ଜୁନ ବଟେ, ଗୋବିନ୍ଦ ମାଲି, ବାଳକୃଷ୍ଣ ମାଡି, ଅଭି ସୋଡି, ପି. ସନ୍ତୋଷ କୁମାର ପ୍ରମୁଖ ତାଲିମପ୍ରାପ୍ତ କର୍ମଚାରୀମାନେ ସତୀଗୁଡା ଜଳଭଣ୍ଡାରରେ ୪ଟି ଦଳରେ ବିଭକ୍ତ ହୋଇ ବାଇନୋକୁଲାର, ଜିପିଏସ୍ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ଯନ୍ତ୍ରପାତି ସହାୟତାରେ ପକ୍ଷୀଗଣନା କରିଥିଲେ। ଏହି କାର୍ଯ୍ୟ ସକାଳ ୬ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଚାଲିଥିଲା। ପାଣି ଡୁବୁକ ୨୨୩, ମାଟିଆ ଡୁବୁକି ୫୭୪, ବଡପାଣି କୁଆ ୪୯, ପାଣିକୁଆ ୧୭୭, ଛୋଟ ପାଣି କୁଆ ୪୦, ଦୁବ ହଂସ ୧, ହଂସରାଳି ୩୨୩, ବଗ ୧୧୪, ଖଇରାବଗ ୭, ବଡ ବଗ ୧୧, ପାଣି ବଗ ୨, ସାରସ ପକ୍ଷୀ ୬୭ଟି ଆସିଥିବା ଗଣନା ବେଳେ ଜଣାପଡିଥିଲା। ଚଳିତବର୍ଷ ପାଣି ଡୁବୁକି ଓ ସାରସ ପକ୍ଷୀଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଗଣନାରୁ ଜଣାପଡିଛି।



ବିଭାଗୀୟ କର୍ମଚାରୀମାନେ ପକ୍ଷୀ ଗଣନା କରୁଛନ୍ତି।

# ମାଲ୍ୟବନ୍ତ ମହୋତ୍ସବରେ ୩ରାଜ୍ୟ ବୁଲିବ ବିକାଶ ରଥ

ମାଲକାନଗିରି,୩।୧ (ଡି.ଏନ୍.ଏ.)

ଆସନ୍ତା ଫେବୃଆରୀ ୨ରୁ ମାଲକାନଗିରି ଜିଲାରେ ଆରମ୍ଭ ହେବ ମାଲ୍ୟବନ୍ତ ମହୋତ୍ସବ। ଫେବୃଆରୀ ୭ରୁ ୧୧ ପର୍ଯ୍ୟନ୍ତ ଜିଲାସ୍ତରୀୟ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ହେବ। ତେବେ ମାଲକାନଗିରି ଜିଲାର ବିକାଶକୁ ନେଇ ଓଡିଶାର କୋରାପୁଟ, ଛତିଶଗଡର ସୁକୁମା, ଏବଂ ଆନ୍ଧ୍ର ପ୍ରଦେଶର ସିଲେରୁ, ଚିନ୍ତୁରୁ, ମୋଟୁଗୁଡେମ ଅଞ୍ଚଳରେ ମାଲ୍ୟବନ୍ତ ବିକାଶ ରଥ ପରିଭ୍ରମଣ କରିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ହୋଇଛି। ଜିଲାସ୍ତରୀୟ ମହୋତ୍ସବରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ସେମାନଙ୍କ ପ୍ରସ୍ତୁତ ସାମଗ୍ରୀ ବିକ୍ରୟ ପାଇଁ ସ୍ୱତନ୍ତ୍ର ପ୍ରାଧାନ୍ୟ ମିଳିବ। ପ୍ରତେକ ବିଭାଗ ନିଜ ନିଜର ବିକାଶ ସମ୍ବନ୍ଧିତ ଫଟୋ ଚିତ୍ର ଏବଂ ତଥ୍ୟ ନିଜ ଷ୍ଟଲରେ ପର୍ଯ୍ୟଟକ ଏବଂ ଦର୍ଶକମାନଙ୍କ ପାଇଁ ପ୍ରଦର୍ଶିତ କରିବେ। ଚଳିତ ବର୍ଷ ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ସତୀଗୁଡା, ଚିତ୍ରକୋଣ୍ଡା, ଯଦୁଗୁଡା ପାହାଡରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବ । ମହୋତ୍ସବକୁ ଆସୁଥିବା ପର୍ଯ୍ୟଟକ ମାନେ ଏହି ସବୁ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳୀ ଭ୍ରମଣ କରିବା ସହ ଜ୍ଞାନ ଆରୋହଣ କରିବେ ବୋଲି ଜିଲାପାଳ ମନୀଷ ଅଗ୍ରୱାଲ କହିଛନ୍ତି।

# ବଣ୍ଡାଘାଟିରେ ମହିଳା ପୁରୁଷଙ୍କୁ ଶୀତବସ୍ତ୍ର ବିତରଣ

ମାଲକାନଗିରି,୩।୧ (ଡି.ଏନ୍.ଏ.)–

ମାଲକାନଗିରି ଜିଲା ଖଇରପଟ ବ୍ଲକ ବଡଡୁରାଲ ପଞ୍ଚାୟତ ଅଙ୍ଗେଲ ଗ୍ରାମରେ ଶୁକ୍ରବାର ଖ୍ରୀଷ୍ଟିୟାନ ମିଶନାରୀ ମେନୁ ଲାଇଫ୍ ପକ୍ଷରୁ ତୃତୀୟ ବାର୍ଷିକ ଉତ୍ସବ ଅବସରରେ ବଣ୍ଡାଘାଟିରେ ବସବାସ କରୁଥିବା ୫୦୦ ବଣ୍ଡା ଜନଜାତିର ମହିଳାପୁରୁଷଙ୍କୁ କମ୍ବଳ ପ୍ରଦାନ କରାଯାଇଛି। ରାଜେନ୍ଦ୍ର ନାୟକଙ୍କ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ତଥା ଉନ୍ନୟନ ବିକାଶ ପରିଷଦ ଅଧ୍ୟକ୍ଷ ମାନସ ମାଡକାମି, ପୋଲାଭରମ୍ ବିରୋଧୀ ସଙ୍ଗଠନର ସଭାପତି ପ୍ରଭାକର ହନ୍ତାଳ, ବିଜେଡିର ବରିଷ୍ଠ କର୍ମୀ ସର୍ବକୁମାର ବିଶୋୟୀ, କୋରାପୁଟ ମା' ଘର ସଭାପତି ରୀନା ନାୟକ, ପିଏସ ମୂର୍ତ୍ତି, ସୂର୍ଯ୍ୟମୂର୍ତ୍ତି ସ୍ୱାଇଁ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଉନ୍ନୟନ ପରିଷଦ ଅଧ୍ୟକ୍ଷ ମାଡକାମି ଘାଟିରେ କେତେକ ଗ୍ରାମ ପରିଦର୍ଶନ କରିଥିଲେ। ଏହି ସମୟରେ ସେସବୁ ଅଞ୍ଚଳରେ ଅନେକ ଶିଶୁ ଅପପୁଷ୍ଟି, ଅଳ୍ପ ବୟସରେ ପୁଅ ଝିଅଙ୍କ ବିବାହ, ଅପରିଷ୍କାର ପରିବେଶରେ ଜୀବନ ବିତାଇବା, ପାନୀୟ ଜଳ ଅଭାବ, ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବା ଭଳି ବହୁ ସମସ୍ୟା ଦେଖିବାକୁ ପାଇଥିଲେ। ଲୋକଙ୍କଠାରୁ ସେ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇଥିଲେ। ଯେପରି ସେସବୁ ଅଞ୍ଚଳର ବିକାଶ ହେବ ସେ ଜିଲା ପ୍ରଶାସନ ସହ ଆଲୋଚନା କରି ଉନ୍ନୟନ ପରିଷଦ ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ବିକାଶ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ।



ବଣ୍ଡା ମହିଳାଙ୍କ ଗହଣରେ ଅତିଥିମାନେ।

# ମାଲକାନଗିରି ମହାବିଦ୍ୟାଳୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଘାଟିତ

ମାଲକାନଗିରି, ୩।୧(ସ୍ୱ.ପ୍ର.)–

ମାଲକାନଗିରି ମହାବିଦ୍ୟାଳୟର ବାର୍ଷିକ ସାଂସ୍କୃତିକ କାର୍ଯ୍ୟକ୍ରମ ଭାରପ୍ରାପ୍ତ ଅଧ୍ୟକ୍ଷ ଡ. ରଞ୍ଜନ କୁମାର ସ୍ୱାଇଁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହା ସପ୍ତାହେବ୍ୟାପୀ ଚାଲିବ। ଛାତ୍ରସଂସଦ ସହ ଉପଦେଷ୍ଟା ଗୌତମ କୁମାର ନାୟକ ସଭାପତିତ୍ୱ କରିଥିଲେ। ପ୍ରଥମ ଦିବସରେ ରଚନା, ତର୍କ, ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ଦ୍ୱିତୀୟ ଦିବସରେ ସଙ୍ଗୀତ, ଶଙ୍ଖଫୁଙ୍କା, ଏକକ ଅଭିନୟ, ନୃତ୍ୟ ପ୍ରତିଯୋଗିତା ହେବ। ଅଧ୍ୟାପକ ଉମେଶ ଚନ୍ଦ୍ର ରାଉତ, ଲିପ୍‌ସାରାଣୀ ନାୟକ, ଅଧ୍ୟାପିକା ନମିତା ଦଣ୍ଡସେନା, ପ୍ରେମରେଖା ଭଦ୍ରା, ଅଭିମନ୍ୟୁ ଦଳବେହେରା, ଜୀମୂତ ନାୟକ, ଅଧ୍ୟାପକ ଚୁକୁନା ବଡୁ ପ୍ରମୁଖ ଉପସ୍ଥିତ ରହି ଶିକ୍ଷା ସହ ନିଜ ଅଞ୍ଚଳର ପାରମ୍ପରିକ କଳା, ସଂସ୍କୃତି ଏବଂ ଆଧୁନିକ କଳା ସମ୍ପର୍କରେ ଅଧିକ ଜ୍ଞାନ ଆହରଣ ପାଇଁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ବିଚାରକ ଭାବେ ସୀତାଂଶୁ ମାଳିନୀ ପରିଡା, ପୃଥ୍ୱିମିତା ବିଶ୍ୱାସ, ପ୍ରଦୀପ ଓରାମ, ବି. ଗୁପ୍ତେଶ୍ୱର ରାଓ ଥିଲେ। ୧୧ଜଣ କୃତୀ ପ୍ରତିଯୋଗୀ ରୂପେ ମନୋନୀତ ହୋଇଛନ୍ତି। ସୁଶାନ୍ତ ମାଝି ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର ଓ ଅତିଥି।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ